# ସଂକ୍ରମିତଙ୍କ ସଂଖ୍ୟା କମିଛି, ଭୟ ରହିଛି

ଛତ୍ରପୁର, ୨୮।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଚଳିତ ମାସ ୨୪ ଠାରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ପାଳନ ହେଉଥିବା କୋଭିଡ୍ ସଚେତନତା ସପ୍ତାହରେ ଅନେକ ସଫଳତା ମିଳୁଛି। ଜନସାଧାରଣଙ୍କ ମଧ୍ୟରେ ସଚେତନତା ଅବସରରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ପ୍ରତିଯୋଗିତାରେ ଅନେକ ପ୍ରତିଯୋଗୀ ଅଂଶ ଗ୍ରହଣ କରୁଛନ୍ତି। ନିଜେ ସଚେତନ ସହ ଅନ୍ୟକୁ ସଚେତନ କରୁଥିବା ଜିଲା ପ୍ରଶାସନ ନଜରକୁ ଆସୁଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଜଣାଇଛନ୍ତି। ବହୁସଂଖ୍ୟାରେ ମହିଳା ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରୁଛନ୍ତି। ଚିତ୍ରାଙ୍କନ ପ୍ରତିଯୋଗିତାରେ ୮ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ଜଣାପଡ଼ିଛି। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କୋଭିଡ୍ ପରିଚାଳନା ନେଇ ଭିଡିଓ କନଫରେନ୍ସିଂରେ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ କୋଭିଡ ସପ୍ତାହ ପାଳନର ସଫଳତା ପାଇଁ ପ୍ରଶଂସା କରିଥିଲେ। ଜିଲାରେ ସଂକ୍ରମିତଙ୍କ ସଂଖ୍ୟା କମିଛି ସତ ସଂକ୍ରମଣ ଭୟ ରହିଛି। ସଚେତନତା ସହିତ ଚଢାଉ ବ୍ୟାପକ ଜରୁରୀ ବୋଲି ଜିଲାପାଳ ଜଣାଇଛନ୍ତି। ବର୍ତ୍ତମାନ ମଧ୍ୟ ଅନେକ ପରିବା ବ୍ୟବସାୟୀ ସାମାଜିକ ଦୂରତ୍ୱ ରକ୍ଷାକରି ୨ ମିଟର ବ୍ୟବଧାନରେ ବସୁ ନାହାନ୍ତି। ପଞ୍ଚସୂତ୍ର ପାଳନ କରୁ ନାହାନ୍ତି। ଏଣୁ ଏମାନଙ୍କ ପ୍ରତି କଠୋର ପଦକ୍ଷେପ ଗ୍ରହଣ କରିବାକୁ ତହସିଲଦାର ମାନଙ୍କୁ ଜଣାଇଥିଲେ। ବିଶେଷ କରି ଗହଳି ସମୟରେ ଅଧିକ ଚଢାଉ କରାଯାଉ। ସମ୍ପ୍ରତି ଗଞ୍ଜାମ ଓ ଅନ୍ୟାନ୍ୟ ଜିଲାରୁ ବ୍ରହ୍ମପୁର ବଡମେଡିକାଲରେ କରୋନା ଲକ୍ଷଣ ଜନିତ ବ୍ୟକ୍ତି ଚିକିତ୍ସିତ ହେଉଥିବା ଜଣାପଡିଛି। ବ୍ୟକ୍ତିଗଣ ଶ୍ୱାସପ୍ରଶ୍ୱାସ ସମସ୍ୟା ନେଇ ଚିକିତ୍ସିତ ହେଉଛନ୍ତି। ଗଞ୍ଜାମ ଜିଲାର ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯାଇ ସେମାନଙ୍କ ଦ୍ୱାରା ଅନ୍ୟମାନେ ଯେପରି ସଂକ୍ରମଣ ହେବେନାହିଁ ସେଥିପ୍ରତି ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ଗୁରୁତ୍ୱ ଦେଇଥିଲେ।


ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଗଞ୍ଜାମ ଜିଲା**
- ନିୟମ ମାନୁନାହାନ୍ତି ପରିବା ବ୍ୟବସାୟୀ
- ଚିତ୍ରାଙ୍କନରେ ଭାଗ ନେଲେ ୮ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

## ସଂକ୍ଷେପରେ

### କୂଅରୁ ଶିଶୁର ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ଚିକିଟି,୨୮।୯(ଡି.ଏନ.ଏ.)-ଚିକିଟି ବ୍ଲକ କଳବାଡ଼ ପଞ୍ଚାୟତ ଭୋଳାସିଙ୍ଗି ଗ୍ରାମର ପ୍ରତାପ ସାହୁଙ୍କ ପୁତ୍ର ମାନସ (୫) ଗତ ୨୫ ତାରିଖରେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକଙ୍କ ଏତଲାକୁ ଭିତ୍ତି କରି କେ.ନୂଆଗାଁ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ପୋଲିସ ଏକ ପରିତ୍ୟକ୍ତ କୂଅରୁ ମାନସଙ୍କ ମୃତଦେହ ଉଦ୍ଧାର କରିଛି। ପ୍ରକାଶ ଯେ, ଗତ ଶୁକ୍ରବାର ଶିଶୁଙ୍କ ମା' ଗାଧୋଇବା ପାଇଁ ଶିଶୁଙ୍କୁ ଗାଁ ଶେଷମୁଣ୍ଡରେ ଥିବା ନଳକୂପ ନେଇ ଯାଇଥିଲେ। ଗାଧୋଇ ସାରି ନିଜ ଘରକୁ ଫେରିଲା ବେଳକୁ ଶିଶୁ ଘରକୁ ଆଉ ଫେରି ନ ଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ସୋମବାର ଗ୍ରାମର ଶେଷ ମୁଣ୍ଡରେ ଥିବା ଏକ ପରିତ୍ୟକ୍ତ କୂଅରୁ ଦୁର୍ଗନ୍ଧ ହେବାରୁ ସେହି ରାସ୍ତା ଦେଇ ଯାଉଥିବା ଲୋକେ ପ୍ରତାପଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଖବର ପାଇ ଥାନାଧିକାରୀ ମାଧବାନନ୍ଦ ନାୟକ ଚିକିଟି ଦମକଳ ବାହିନୀ ସହାୟତାରେ କୂଅରୁ ଶିଶୁର ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ କହିଛନ୍ତି।

### ଛତ୍ରପୁରର ୨ ଦୋକାନ ସିଲ୍

ଛତ୍ରପୁର,୨୮।୯(ଡି.ଏନ୍.ଏ.)- ସାମାଜିକ ଦୂରତା ନଥିବା ଓ ମାସ୍କ ପିନ୍ଧିନଥିବା ନେଇ ସୋମବାର ଛତ୍ରପୁର ଏନ୍ଏସି ପକ୍ଷରୁ ୨ ଦୋକାନକୁ ସିଲ୍ କରାଯାଇଛି। ଛତ୍ରପୁର ବଜାରରେ କୋଭିଡ୍ ସଚେତନତା କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ଡିଆର୍ଡିଏ ପିଡି ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ଏନ୍ଏସି ନିର୍ବାହୀ ଅଧିକାରୀ ଏନ୍. ଗଣେଷ ବାବୁ ପ୍ରମୁଖ ସାମିଲ ଥିଲେ। ସଚେତନତା କାର୍ଯ୍ୟକ୍ରମ ଚାଲିଥିବା ବେଳେ ଅମାନିଆ ୨ଦୋକାନୀଙ୍କ ପାଇଁ ସେମାନଙ୍କ ଦୋକାନକୁ ଏନ୍ଏସି ପକ୍ଷରୁ ସିଲ୍ କରାଯାଇଥିଲା।

### ହତ୍ୟା ମାମଲାରେ ସ୍ୱାମୀ, ଦିଅର କୋର୍ଟଚାଲାଣ

ଗୋପାଳପୁର,୨୮।୯-ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ସୋମବାର ଗୋଳନ୍ଥରା ଥାନା ପୋଲିସ ସ୍ୱାମୀ ଓ ଦିଅରକୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ୱାମୀ ଜଗନ୍ନାଥ ପ୍ରଧାନ (୪୧) ଓ ଦିଅର ଭରତ (୩୨)। ଗୋଳନ୍ଥରା ଥାନା ପଞ୍ଚମା ଗ୍ରାମର ଜଗନ୍ନାଥ ପୁରୁଷୋତ୍ତମପୁର ଥାନା ସାହାପୁର ଗ୍ରାମର ସାପୁଆ ଶାସମଲଙ୍କ ଝିଅ ଗାୟତ୍ରୀଙ୍କୁ ଗତ ୧୨ ବର୍ଷ ପୂର୍ବେ ବିବାହ କରିଥିଲେ। କିଛି ମାସ ପରେ ଯୌତୁକ ପାଇଁ ନିର୍ଯାତନା ଦିଆଯାଉଥିବା ନେଇ ଗାୟତ୍ରୀ ବାପା ସାପୁଆଙ୍କୁ କହିଥିଲେ। ଗତ ୨୧ ତାରିଖରେ ଗାୟତ୍ରୀ ଶିଡ଼ିରୁ ଖସି ପଡି ମୃତ୍ୟୁବରଣ କରିଥିବା ନେଇ ଭରତ ସାପୁଆଙ୍କୁ ଜଣାଇଥିଲେ। କିନ୍ତୁ ସାପୁଆଙ୍କ ପରିବାର ଆସିବା ପୂର୍ବରୁ ଶାଶୁଘର ଲୋକେ ଗାୟତ୍ରୀଙ୍କ ମୃତଦେହକୁ ତରବରିଆ ଭାବେ ପୋଡି ଦେଇଥିଲେ। ଏ ନେଇ ଝିଅକୁ ହତ୍ୟା କରାଯାଇଥିବା ସାପୁଆ ଥାନାରେ ଅଭିଯୋଗ କରିଥିଲେ। ନଂ. ୨୬୧/୨୦ରେ ମାମଲା ରୁଜୁ କରି ପୋଲିସ ଜଗନ୍ନାଥ ଓ ଭରତଙ୍କୁ ଅଟକ ରଖି ପଚରଉଚରା କରିଥିଲା। ଗତ ସୋମବାର ସକାଳେ ଗାୟତ୍ରୀଙ୍କ ସହିତ ଝଗଡା ହୋଇଥିଲା। ଏଥିରେ ରାଗିଯାଇ କାତିରେ ଆକ୍ରମଣ କରିଥିବା ନେଇ ଜଗନ୍ନାଥ ଓ ଭରତ ପୋଲିସକୁ କହିଥିଲେ। ହତ୍ୟାରେ ବ୍ୟବହୃତ କାତିକୁ ପୋଲିସ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଟଙ୍କା ଲୁଟ୍ ଉଦ୍ୟମ ବିଫଳ

ଦିଗପହଣ୍ଡି,୨୮।୯(ଡି.ଏନ୍.ଏ.)-ଦିଗପହଣ୍ଡି ଟାଉନ ରୋଡ୍ ଜନତା ଲେନ୍ ପତିତପାବନ ଜଗନ୍ନାଥ ମନ୍ଦିର ନିକଟରୁ ସୋମବାର ଜଣେ ମହିଳାଙ୍କଠାରୁ ୨ ଲୁଟେରାଙ୍କ ଲକ୍ଷାଧିକ ଟଙ୍କା ଲୁଟ ଉଦ୍ୟମ ବିଫଳ ହୋଇଛି। ପୂର୍ବାହ୍ନରେ ଗୋକର୍ଣ୍ଣପୁର ଗ୍ରାମର ଚିନାରି.ଲକ୍ଷ୍ମୀ ପାତ୍ର ତାଙ୍କ ଝିଅ ସହ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଶାଖାରେ ପହଞ୍ଚି ୧ ଲକ୍ଷ ୧୦ ହଜାର ଟଙ୍କା ଉଠାଇ ଲୁଗା କିଣିବାକୁ ଯାଉଥିଲେ। ବ୍ୟାଙ୍କ କଡ଼ରେ ଥିବା ଏକ ବିଦେଶୀ ମଦ ଦୋକାନ ନିକଟରେ ଠିଆ ହୋଇଥିବା ୨ ଜଣ ଯୁବକ ଏକ ବାଇକ୍ରେ ଉଭୟଙ୍କୁ ପିଛା କରିଥିଲେ। ମନ୍ଦିର ନିକଟରେ ଲୁଟେରାମାନେ ଲକ୍ଷ୍ମୀଙ୍କ ଝିଅ ଧରିଥିବା ଟଙ୍କା ବ୍ୟାଗ୍କୁ ଛଡ଼ାଇବାକୁ ଚେଷ୍ଟା କରୁଥିବା ବେଳେ ପାଟି ଶୁଣି ଆଖପାଖ ଲୋକେ ଆସିବାରୁ ସେମାନେ ଚମ୍ପଟ ମାରିଥିଲେ। ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିବା ସହ ଲୁଟେରା ଦ୍ୱୟଙ୍କୁ ପିଛା କରିଥିଲେ ମଧ କୌଣସି ସୁରାକ ମିଳି ନ ଥିବା ଜଣାପଡ଼ିଛି।

## ସରକାରୀ କର୍ମଚାରୀଙ୍କୁ ଭୁବନେଶ୍ୱର, କଟକ ମନା

**ଅବମାନନା କଲେ କାର୍ଯ୍ୟାନୁଷ୍ଠାନ**

ଜନସାଧାରଣଙ୍କୁ ସେବା ଯୋଗାଇ ଦେଉଥିବା ଅଧିକାରୀ କିମ୍ବା କର୍ମଚାରୀଙ୍କ ଯୋଗୁ ସାଧାରଣ ଜନତା ଯେପରି କରୋନା ସଂକ୍ରମିତ ନ ହୁଅନ୍ତି ସେଥିପାଇଁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଭିଡିଓ କନଫରେନ୍ସରେ ଜଣାଇଛନ୍ତି। ଅଧିକାରୀ ଓ କର୍ମଚାରୀ ହେଡ୍କ୍ୱାର୍ଟର ଛାଡି ବାହାରକୁ ଯିବାକୁ ବାରଣ କରାଯାଇଛି। କାର୍ଯ୍ୟ ସମ୍ପାଦନା ନିମନ୍ତେ ଯଦି ଜରୁରୀ ପଡେ, ତେବେ ନିଜ ଉପରିସ୍ଥ ଅଧିକାରୀଙ୍କ ଜରିଆରେ ଜିଲାପାଳଙ୍କ ଅନୁମତି ନେଇ କଟକ, ଭୁବନେଶ୍ୱର ଯାଇପାରିବେ। ବିନା କାରଣରେ କଟକ, ଭୁବନେଶ୍ୱରକୁ ଜିଲାର କେତେଜଣ କର୍ମଚାରୀ ଓ ଅଧିକାରୀ ଯିବାଆସିବା କରୁଥିବା ପ୍ରଶାସନ ଦୃଷ୍ଟିକୁ ଆସିଛି। ସମସ୍ତଙ୍କର ଅକ୍ଳାନ୍ତ ପରିଶ୍ରମ ଫଳରେ ଗଞ୍ଜାମକୁ କରୋନା ସଂକ୍ରମଣମୁକ୍ତ କରିବା ନେଇ ପ୍ରୟାସ ଜାରି ରହିଛି। ବର୍ତ୍ତମାନ ସ୍ଥିତିରେ ସୁଧାର ଆସିଛି। ଅନ୍ୟାନ୍ୟ ସହର ଓ ଅନ୍ୟ ରାଜ୍ୟର ସ୍ଥିତି ଭଲ ନାହିଁ। ସେଠାକୁ ଯାଇ ନିଜେ ସଂକ୍ରମିତ ହେବା ସହ ଜିଲାବାସୀଙ୍କୁ ସଂକ୍ରମିତ ନ କରିବା ପାଇଁ ଜିଲାପାଳ କହିଛନ୍ତି। ପତ୍ର ମାଧ୍ୟମରେ ଏ ନେଇ ସମସ୍ତ କାର୍ଯ୍ୟାଳୟକୁ ଜଣାଇ ଦିଆଯାଇଛି। ଆଦେଶ ଅବମାନନା କରାଗଲେ ସମ୍ପୃକ୍ତ କାର୍ଯ୍ୟାଳୟର ଅଧିକାରୀ ଉତ୍ତରଦାୟୀ ରହିବେ ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଛନ୍ତି।

## ହାବିଲ୍ଦାରଙ୍କୁ ମାଡ଼ ମାରି ୨ ଗିରଫ

ଛତ୍ରପୁର,୨୮।୯(ଡି.ଏନ୍.ଏ.)

ଛତ୍ରପୁରସ୍ଥିତ ଗଞ୍ଜାମ ପୋଲିସ ଜିଲା କାର୍ଯ୍ୟାଳୟରେ ଅବସ୍ଥାପିତ ହାବିଲଦାର କାମରାଜୁ ଦୋରାଙ୍କୁ ମାଡ ମାରିବା ମାମଲାରେ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ସନ୍ତୋଷ ଗୌଡ ଓ ଶେଖ୍ ଜାହେଦ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ, ଯେ, ୨୬ ତାରିଖ ରାତିରେ ହାବିଲଦାର କାମରାଜୁ ବାଇକ୍‌ରେ ଆସୁଥିବାବେଳେ ସ୍ଥାନୀୟ ଗୌରୀ ଶଙ୍କର ମନ୍ଦିର ନିକଟରେ ଆଉ ଏକ ବାଇକ୍ ସହ ମୁହାମୁହିଁ ଧକ୍କା ହୋଇଥିଲା। ହାବିଲଦାର ଏବଂ ବାଇକ ଚାଳକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ବାଇକ୍ ଚାଳକଙ୍କ ୨ ସାଙ୍ଗ ଆସି ପହଞ୍ଚିଥିଲେ। ଏମାନେ କାମରାଜୁଙ୍କୁ ମାଡ ମାରିଥିଲେ। କାମରାଜୁଙ୍କ ଅଭିଯୋଗକ୍ରମେ ଛତ୍ରପୁର ପୋଲିସ ଏକ ମାମଲା (ନଂ-୨୪୬/୨୦) ରୁଜୁ କରିଥିଲା। ସନ୍ତୋଷ ଓ ଜାହେଦ୍‌ଙ୍କୁ ଗିରଫ କରାଯାଇଥିବାବେଳେ ଆଉ ଜଣେ ଫେରାର ଅଛନ୍ତି।

# କୋଭିଡ୍ ସହାୟତା ଦାବି କଲେ ପାଚିକା

ବ୍ରହ୍ମପୁର ଅଫିସ,୨୮।୯

ଗଞ୍ଜାମ ଜିଲାରେ ବିଭିନ୍ନ ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକାଙ୍କୁ ଲକ୍ଡାଉନ ସମୟର ପାରିଶ୍ରମିକ ସହ କୋଭିଡ୍ ସହାୟତା ରାଶି ପ୍ରଦାନ କରିବାକୁ ଓଡିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ଗଞ୍ଜାମ ଜିଲା ଶାଖା ଦାବି କରିଛି । ଏ ନେଇ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟ ଆଗରେ ସଂଘ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଇଓଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରିଛି । ଦୀର୍ଘ ବର୍ଷ ଧରି ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରି ଆସୁଥିବା ପାଚିକାଙ୍କୁ ଏ ଯାଏ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରା ନ ଯିବା ଅତ୍ୟନ୍ତଦୁର୍ଭାଗ୍ୟର ବିଷୟ ବୋଲି ସଂଘ କହିଛି । କରୋନା ମହାମାରୀ ପାଇଁ ଘୋଷିତ ଲକ୍ଡାଉନ ସମୟର ପାରିଶ୍ରମିକ ସହ କରୋନା ସହାୟତା ବାବଦରେ ପାଚିକାଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରିବା, କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକ୍ରମେ ୨୦୦୯ ଡିସେମ୍ବରରୁ ୨୦୧୨ ଏପ୍ରିଲ ପର୍ଯ୍ୟନ୍ତ ଦୀର୍ଘ ୨୮ ମାସର ବକେୟା ବର୍ଦ୍ଧିତ ପାରିଶ୍ରମିକ ଦେବାକୁ ସଂଘ ଦାବିପତ୍ରରେ ଉଲ୍ଲେଖ କରିଛି । ଦାବିପତ୍ର ପ୍ରଦାନ ବେଳେ ପପୁନ ସାହୁ, ସୁଜାତା ସାହୁ, ଏସ. ଦ୍ରୌପଦି, ସସ୍ମିତା ସାହୁ, ପିଙ୍କି ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଡିଇଓଙ୍କ କାର୍ଯ୍ୟାଳୟ ଆଗରେ ପାଚିକା ସହାୟିକାମାନେ।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ବୁଗୁଡ଼ା,୨୮।୯(ଡି.ଏନ.ଏ.)

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡିଅରଖପୁର-ମହୁଲପଲ୍ଲୀ ରାସ୍ତାରେ ସୋମବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅରଖପୁର (ନୂଆଗାଁ)ର ବୁଲୁ ଜେନା (୩୨)। ଗୁରୁତର ଅନ୍ୟ ବାଇକ୍ ଆରୋହୀ ବାଲିପଦରର ମଣ୍ଟୁ ଜେନାଙ୍କୁ ପ୍ରଥମେ ବୁଗୁଡ଼ା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି। ବାଲିପଦରରୁ ବୁଲୁ ବାଇକ୍‌ରେ ତାଙ୍କ ଗ୍ରାମକୁ ଯାଉଥିବା ବେଳେ ସାମନା ପଟୁ ଅରଖପୁରରୁ ଆସୁଥିବା ମଣ୍ଟୁଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ବୁଲୁଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଥିଲା।

### ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ବୁଗୁଡ଼ା,୨୮।୯(ଡି.ଏନ.ଏ.)

ବୁଗୁଡ଼ା ଥାନା କରସିଙ୍ଗି ପଞ୍ଚାୟତ ଉଦୟପୁର ଗ୍ରାମର ଜଣେ ବୃଦ୍ଧାଙ୍କ ସୋମବାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ବାସନ୍ତୀ ମହାପାତ୍ର (୭୫)। ଏନେଇ ପୋଲିସ ନଂ. ୩୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୂର୍ବାହ୍ନରେ ବାସନ୍ତୀ ଉଦୟପୁର ଗ୍ରାମ ରାସ୍ତା ପାର୍ଶ୍ୱରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କିନ୍ତୁ ସେ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ପୋଖରୀକୁ ଖୋଜିବାକୁ ଯାଇ ନ ପାଇବାରୁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ପୋଖରୀରୁ ବୃଦ୍ଧାଙ୍କୁ ଉଦ୍ଧାର କରି ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମାସ୍କ ନ ପିନ୍ଧି ଜରିମାନା ଗଣିଲେ

ବ୍ରହ୍ମପୁର ଅଫିସ,୨୮।୯

ବ୍ରହ୍ମପୁର ପୋଲିସ ପକ୍ଷରୁ ରବିବାର ସକାଳ ୬ଟାରୁ ସୋମବାର ସକାଳ ୬ଟା ମଧ୍ୟରେ ବିଭିନ୍ନ ଛକରେ ଚେକିଂ କରାଯାଇ ମାସ୍କ ପିନ୍ଧି ନ ଥିବା ୩୫ ଜଣଙ୍କଠାରୁ ୭,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ୧୮୬ ଜଣ ଗାଡି ଚାଳକଙ୍କୁ ୯୩ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ସେହିପରି ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ ବାବଦରେ ୫୦୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ଏସ୍‌ପି ପିନାକ ମିଶ୍ର ଟୁଇଟ କରି ସୂଚନା ଦେଇଛନ୍ତି।

## ଷ୍ଟେଶନରୁ ଉଦ୍ଧାର ମୃତଦେହ ପରିଚୟ ମିଳିଲା

ବ୍ରହ୍ମପୁର ଅଫିସ,୨୮।୯

**ମୃତକ ବିଏସ୍ଏଫ୍ ଯବାନ**

ବ୍ରହ୍ମପୁର ରେଳ ଷ୍ଟେଶନରୁ ରବିବାର ଉଦ୍ଧାର ହୋଇଥିବା ମୃତ ଯୁବକଙ୍କ ପରିଚୟ ମିଳିଛି। ସେ ହେଲେ ବିଜୟ ପାଣ୍ଡେ (୩୬)। ବିଜୟଙ୍କ ଘର ଆସାମର ଦିବ୍ରୁଗଡ଼ରେ। ସେ ମାଲକାନଗିରି ଜିଲା ଏମ୍‌ଭି ୩ ୟୁନିଟ୍‌ରେ ବିଏସ୍ଏଫ୍ ଯବାନ୍ ଭାବେ କାର୍ଯ୍ୟରତ ଥିଲେ। ପରିବାରବର୍ଗ ଓ ବିଭାଗୀୟ ଅଧିକାରୀ ବ୍ରହ୍ମପୁରରେ ପହଞ୍ଚି ମୃତଦେହ ଚିହ୍ନଟ କରିଛନ୍ତି। ବିଜୟ ଗତ ୧୬ ତାରିଖରୁ ୪୫ ଦିନ ପର୍ଯ୍ୟନ୍ତ ଛୁଟିରେ ରହିଥିଲେ। ରବିବାର ବ୍ରହ୍ମପୁର ରେଳ ଷ୍ଟେଶନ ରାମନଗର ରାସ୍ତାରେ ଥିବା ଫୁଟ୍ ଓଭର୍ ବ୍ରିଜ୍ ନିକଟରୁ ତାଙ୍କର ମୃତଦେହ ଜବତ ହୋଇଥିଲା। ତାଙ୍କ ମୋବାଇଲ ଫୋନ୍‌ରୁ ପରିବାରବର୍ଗଙ୍କ ସହିତ ପୋଲିସ ଯୋଗାଯୋଗ କରିଥିଲା। ସୋମବାର ଭୁବନେଶ୍ୱର ବିଏସ୍ଏଫ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଜୟ କୁମାର ଦାସଙ୍କ ନେତୃତ୍ୱରେ ଏକ ୭ ଜଣିଆ ଟିମ୍ ବ୍ରହ୍ମପୁର ଆସି ଘଟଣାର ତଦନ୍ତ କରିଛନ୍ତି। ବିଜୟ ବ୍ରହ୍ମପୁରରେ କେଉଁଠି ଥିଲେ, ସେ ଘରକୁ କାହିଁକି ଯାଇ ନ ଥିଲେ, ସେ ସବୁ ଦିଗରେ ସିଆରପିଏଫ ତରଫରୁ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଜିଆର୍‌ପିରେ ନଂ.୩୯/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ହୃଦଘାତ ଯୋଗୁଁ ବିଜୟଙ୍କ ମୃତ୍ୟୁ ଘଟିଥିବା ନେଇ ପୋଲିସ ଅନୁମାନ କରୁଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଜିଆରପି ଥାନାଧିକାରୀ ଜ୍ୟୋତି ପ୍ରକାଶ ନାୟକ କହିଛନ୍ତି।

# କଟକଣା ହଟିବା ପରେ ଅଲୋଡ଼ା ନାକାଗେଟ୍

ପାରଳାଖେମୁଣ୍ଡି, ୨୮।୯(ସ୍ୱ.ପ୍ର.)

ଗଜପତି ଜିଲାରେ କୋଭିଡ୍ କଟକଣା ବେଳେ ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇଥିବା ନାକାଗେଟ ଗୁଡିକ ଏବେ ଅଲୋଡା ହୋଇପଡିଛି। ଜିଲାର ଗୋଟିଏ ପଟେ ଆନ୍ଧ୍ରପ୍ରଦେଶ ରହିଥିବାବେଳେ ଅନ୍ୟପଟ ପଡୋଶୀ ଜିଲା ରାୟଗଡା, କନ୍ଧମାଳ ଓ ଗଞ୍ଜାମ ସୀମାକୁ ଲାଗିଛି। ଫଳରେ ଏହି ଜିଲା ଗୁଡିକ ସମେତ ଆନ୍ଧ୍ରର ବହୁ ଲୋକେ ଗଜପତିକୁ ଯାତାୟାତ କରିଥାନ୍ତି। ବିଶେଷ କରି ଆନ୍ଧ୍ରର ପ୍ରାୟ ୧୦୦ କିଲୋମିଟରରୁ ଊର୍ଦ୍ଧ୍ୱ ସୀମା ଅଞ୍ଚଳ ଲାଗିରହିଛି। ଏହାକୁ ଦୃଷ୍ଟିରେ ରଖି ଗଜପତି ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ମିଳିତ ଭାବେ ନାକା ପଏଣ୍ଟ ସ୍ଥାନ ଚିହ୍ନଟ କରି ଆନ୍ଧ୍ର ପ୍ରଦେଶ ସଂଲଗ୍ନ ପୁରୁଣାପାଟଣା ରୋଡ, ହାଡୁଭାଙ୍ଗି, ଡାମୁଣୀଗାଁ, ସୀତାସାଗର ରାସ୍ତା, ସେରୀ ସାହି ରାସ୍ତାରେ ପୋଲିସ ପକ୍ଷରୁ ନାକା ପଏଣ୍ଟ ବ୍ୟବସ୍ଥା କରାଯାଇଥିଲା। ଏସବୁ ସ୍ଥାନରେ ପ୍ରବାସୀ ଓଡିଆଙ୍କ ସମେତ ଆନ୍ଧ୍ର ଲୋକଙ୍କୁ ଅଟକାଇ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରିବାପାଇଁ ବ୍ୟବସ୍ଥା କରାଯାଇଥିଲା। ଚଳିତ ମାସ ପହିଲାରୁ ଲକ୍ଡାଉନ୍ ଓ ଶଟ୍ଡାଉନ୍ ପ୍ରତ୍ୟାହୃତ ପରେ ଏଗୁଡିକ ଏବେ ଅଲୋଡା ହୋଇପଡିଛି। ନାକା ପଏଣ୍ଟ ବା ନାକା ଆଶ୍ରୟସ୍ଥଳୀ ସ୍ଥାପନ ବେଳେ କୁହାଯାଇଥିଲା ଯେ କରୋନା ପ୍ରକୋପ କମିବା ପରେ ମଧ ଏହି ସବୁ ନାକା ପଏଣ୍ଟ ସବୁଦିନ ପାଇଁ କାର୍ଯ୍ୟକ୍ଷମ ରହିବ। ଏହାଦ୍ୱାରା ସୀମାନ୍ତ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇ ପାରିବ। ପ୍ରତ୍ୟେକ ନାକା ପଏଣ୍ଟରେ ଲକ୍ଷାଧିକ ଟଙ୍କା ବ୍ୟୟବରାଦ କରାଯାଇ ସ୍ଥାୟୀ ଘର ନିର୍ମାଣ କରାଯାଇଥିଲା। ଏବେ ଏଗୁଡିକ ବନ୍ଦ ହୋଇପଡିଛି। ଏପରି ପଡି ରହିବା ଦ୍ୱାରା ଆଗାମୀ ଦିନରେ ଏହି ଘର ଭୂତକୋଠୀ ପାଲଟିବା ସହ ଅସାମାଜିକ ତତ୍ତ୍ୱ ମଧ ବୃଦ୍ଧିପାଇବ। ତେଣୁ ଯେଉଁ ଉଦ୍ଦେଶ୍ୟରେ ଏହା ସ୍ଥାପନ କରାଯାଇଥିଲା ତାକୁ କାର୍ଯ୍ୟକ୍ଷମ କଲେ ସୀମାନ୍ତ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସବୁଦିନ ପାଇଁ ନିୟନ୍ତ୍ରିତ ହୋଇ ରହିବ ବୋଲି ଦାବି ହେଉଛି।


ନାକା ପଏଣ୍ଟରେ ନିର୍ମାଣ ସ୍ଥାୟୀଘର।

## ୧୦୬ କି.ଗ୍ରା.ଗଞ୍ଜେଇ ଜବତ, ୨ ଗିରଫ


ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ।

ବ୍ରହ୍ମପୁର ଅଫିସ,୨୮।୯

ଅବକାରୀ ଗୁଇନ୍ଦା ବିଭାଗ ସୋମବାର ବ୍ରହ୍ମପୁର ଫାଷ୍ଟଗେଟ ଛକରୁ ଗଞ୍ଜେଇ ବୋଝେଇ ଏକ ମିନିଟ୍ରକ ଜବତ କରିଛି। ଏହି ଘଟଣାରେ ଡ୍ରାଇଭରଙ୍କ ସହ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୟାଗଡ଼ ଜିଲା ଇଟାମାଟି ଗ୍ରାମର ଡ୍ରାଇଭର୍ ନୁରଦ୍ଦିନ୍ ଖାନ୍ ଓ ଖୋର୍ଦ୍ଧା ଜିଲା ମାଣିକଗଡ଼ ଗ୍ରାମର ଅରୁଣ କୁମାର ସ୍ୱାଇଁ ବୋଲି ଅବକାରୀ ଗୁଇନ୍ଦା ବିଭାଗ ଇନ୍ସପେକ୍ଟର ମିହିର ସେଠୀ କହିଛନ୍ତି। ଅବକାରୀ ବିଭାଗର ଏକ ଟିମ୍ ସୋମବାର ସକାଳେ ଫାଷ୍ଟଗେଟ ଛକରେ ପାଟ୍ରୋଲିଂ କରୁଥିବା ବେଳେ ଦ୍ରୁତଗତିରେ ଆସୁଥିବା ମିନି ଟ୍ରକ୍ (ନଂ.ଓଆର୍୦୨ଇ ୦୩୭୯)କୁ ସନ୍ଦେହରେ ଅଟକାଇଥିଲେ। ଯାଞ୍ଚ ପରେ ଉକ୍ତ ଟ୍ରକ ଡାଲାରୁ ୧୦୬ କିଗ୍ରା ଗଞ୍ଜେଇ ଜବତ ହୋଇଥିଲା। ଏହା କନ୍ଧମାଳ ଜିଲାରୁ ବ୍ରହ୍ମପୁର ଦେଇ ଭୁବନେଶ୍ୱର ଚାଲାଣ ହେଉଥିବା ଜଣାପଡ଼ିଥିଲା।

# ସଫା ଆଳରେ ଅଳଙ୍କାର ଲୁଟ୍

ଭଞ୍ଜନଗର,୨୮।୯(ଡି.ଏନ.ଏ)

ଭଞ୍ଜନଗର ଥାନା ଚାକୁଣ୍ଡାପଲ୍ଲୀରେ ସୋମବାର ମଧ୍ୟାହ୍ନରେ ସୁନା ସଫା କରିବା ଆଳରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଏନେଇ ଶୁଭଶ୍ରୀ ଆଚାର୍ଯ୍ୟଙ୍କ ସ୍ୱାମୀ ବିକାଶ ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଛନ୍ତି।

ବିକାଶ ବନ ବିଭାଗର ମୁଜାଗଡ଼ ରେଞ୍ଜରେ କାର୍ଯ୍ୟ କରନ୍ତି। ସୋମବାର ଅଫିସ ଯିବା ପରେ ପୂର୍ବାହ୍ନ ପ୍ରାୟ ୧୧ଟା ୪୦ରେ ଏକ ବାଇକ୍‌ରେ ୨ଜଣ ଦୁର୍ବୃତ୍ତ ଆସି ବିକାଶଙ୍କ ମା' ସୁପ୍ରଭାଙ୍କୁ ସୁନା ସଫା କରିବାକୁ କହିଥିଲେ। କିନ୍ତୁ ବିକାଶଙ୍କ ମା' ସୁପ୍ରଭା ପ୍ରଥମେ ମନା କରି ଦେଇଥିଲେ। ଏହାପରେ ଦୁର୍ବୃତ୍ତମାନେ ପାଉଁଜି କିମ୍ବା ବାସନ ଦିଅ ସଫା କରିଦେବୁ ବୋଲି କହିଥିଲେ। ସୁପ୍ରଭା ପାଉଁଜି ଦେବାରୁ ସେମାନେ ସଫା କରି ବିଶ୍ୱାସ ଜନ୍ମାଇ ଥିଲେ। ପରେ ଉଭୟ ଶାଶୁ ସୁପ୍ରଭା ଓ ବୋହୁ ଶୁଭଶ୍ରୀ ପିନ୍ଧିଥିବା ମୁଦି, ମଙ୍ଗଳସୂତ୍ର ଓ ଗୋଟିଏ ଚେନ୍ ସଫା କରିବାକୁ ଦେଇଥିଲେ। ଦୁର୍ବୃତ୍ତମାନେ ଏକ ରସ ଚେନ୍ ଏବଂ କିଛି ରଙ୍ଗମାଟି ଭର୍ତ୍ତି ପ୍ୟାକେଟ ଦେଇ ୪୦ ମିନଟ୍ ପରେ ଖୋଲିବାକୁ କହି ଚାଲି ଯାଇଥିଲେ। ଶୁଭଶ୍ରୀଙ୍କ ସନ୍ଦେହ ହେବାରୁ ସେମାନେ ସେ ସଙ୍ଗେ ସଙ୍ଗେ ପ୍ୟାକେଟ୍ ଖୋଲି ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ପୋଲିସ ଭଞ୍ଜନଗର ଜିଲୁଣ୍ଡି ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍ ସଂଗ୍ରହ କରି ତଦନ୍ତ ଚଳାଇଛି। ଦୁର୍ବୃତ୍ତମାନଙ୍କ ସମ୍ପର୍କରେ ସୁରାକ ପାଇଥିବା ଜଣାପଡ଼ିଛି।

# ବାଲିଚାଲାଣ ବିରୋଧରେ ତହସିଲ ଘେରାଉ

କାଶୀନଗର,୨୮।୯(ଡି.ଏନ୍.ଏ.)

ବଂଶଧାରା ନଦୀ ବୁଦୁରା ବାଲି ର୍ୟାମ୍ପରୁ ବେଆଇନ ଭାବେ ବାଲି ଆନ୍ଧ୍ର ଚୋରା ଚାଲାଣ ହେଉଛି। କିନ୍ତୁ ସ୍ଥାନୀୟ ଆଞ୍ଚଳ ଲୋକଙ୍କୁ ବାଲି ବ୍ୟବସାୟୀ ଚଢ଼ା ଦରରେ ବିକୁଛନ୍ତି। ଟ୍ରାକ୍ଟର ପିଛା ୨୦୦୦ରୁ ୨୫୦୦ ଟଙ୍କାରେ ବିକ୍ରି କରୁଛନ୍ତି। ଆବାସ ଯୋଜନା ଓ ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ନିମନ୍ତେ ମିଳିଥିବା ଟଙ୍କା କେବଳ ବାଲି କିଣାରେ ୫୦ ପ୍ରତିଶତ ସରିଯାଉଛି। ଘର କେମିତି କରିବେ ସେ ନେଇ ଚିନ୍ତାରେ ହିତାଧିକାରୀ। ଏହାର ପ୍ରତିବାଦରେ ସବୁ ରାଜନୈତିକ ଦଳ, ଟ୍ରାକ୍ଟର ମାଲିକ ଓ ଜନସାଧାରଣ ବାଇକ୍ ଓ ଟ୍ରାକ୍ଟରରେ ରାଲି କରି ଷ୍ଟେଟ୍‌ବ୍ୟାଙ୍କ ଛକରୁ ବାହାରି ତହସିଲ ଅଫିସ ପର୍ଯ୍ୟନ୍ତ ଯାଇ ତହସିଲ ଘେରାଉ କରିଥିଲେ। ପୂର୍ବତନ ଜିଲାପରିଷଦ ସଦସ୍ୟ ଜି. ତିରୁପତି ରାଓ, ପୂର୍ବତନ ନଗରପାଳ ଏସ୍. ବୈକୁଣ୍ଠ ରାଓ, ବିଜେପି ନଗର ସଭାପତି ଆର୍. ଚାଳପତି ରାଓ, ବିଜେଡି ଉପ ସଭାପତି କେ. ଆପାରାଓ, ସିପିଏମ୍ ରାଜ୍ୟ ସଦସ୍ୟ କୁଣ୍ଡିଙ୍ଗୀ ମିନାରାଓ, କେ. ରାମାରାଓ ପ୍ରମୁଖ ନେତୃତ୍ୱ ନେଇଥିଲେ।

ଟ୍ରାକଟର ପିଛା ୨୦୦ରୁ ୩୦୦ ଟଙ୍କାରେ ବାଲି ଯୋଗାଇ ଦେବା, ନିଲାମ ଭିତରେ ଥିବା ନିୟମାବଳୀ ପ୍ରକାରେ ବାଲି ଯୋଗାଣ ଓ ଉଠାଣ, ରାଜ୍ୟ ଭିତରେ ବାଲି ବିକ୍ରି, ଅନ୍ୟ ରାଜ୍ୟକୁ ଚାଲାଣ ନ କରିବା ଆଦି ଦାବିରେ ତହସିଲଦାର କାର୍ଯ୍ୟାଳୟ ଘେରାଉ କରିଥିଲେ। ତହସିଲଦାରଙ୍କ ଶାନ୍ତି ସ୍ୱରୂପ ମିଶ୍ରଙ୍କ ଅନୁପସ୍ଥିତରେ ତାଲିମ ପ୍ରାପ୍ତ ଓଏଏସ୍ ଅଧିକାରୀ ଭବାନୀ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କାଶୀନଗର ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲା।


ବାଇକ୍ ଓ ଟ୍ରାକ୍ଟର ରାଲି ତହସିଲ କାର୍ଯ୍ୟାଳୟ ଅଭିମୁଖେ ଯାଉଛି।

## ସଂକ୍ଷେପରେ

### ଗଜପତିରେ ୩୧ ପଜିଟିଭ୍ ଚିହ୍ନଟ

ପାରଳାଖେମୁଣ୍ଡି,୨୮।୯(ସ୍ୱ.ପ୍ର.) - ଗଜପତିରେ ସୋମବାର ୩୧ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୫୧୩ରେ ପହଞ୍ଚିଛି। ଗୁମ୍ମା ବ୍ଲକରୁ ସର୍ବାଧିକ ୧୨ଜଣ, ନୂଆଗଡ ବ୍ଲକରୁ ୮, ପାରଳାଖେମୁଣ୍ଡି ପୌରାଞ୍ଚଳରୁ ୫, ଗୋଷାଣୀ ବ୍ଲକରୁ ୩, ମୋହନା,କାଶୀନଗର ଓ ଆର୍.ଉଦୟଗିରି ବ୍ଲକରୁ ଜଣେ ଲେଖାଏ ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ସାହା ପ୍ରେସ୍ ବାର୍ତ୍ତା ମାଧମରେ ସୂଚନା ଦେଇଛନ୍ତି। ସେହିପରି ଜିଲାରେ ମୋଟ କରୋନା ସୁସ୍ଥ ସଂଖ୍ୟା ୩୨୮୦ ରହିଛି। ବର୍ତ୍ତମାନ ସୁଦ୍ଧା ୪୪୨୦୮ଜଣଙ୍କର ସ୍ୱାବ ପରୀକ୍ଷା ହୋଇଛି। ଏଥି ମଧ୍ୟରୁ ୪୪୧୪୯ ଜଣଙ୍କ ରିପୋର୍ଟ ଆସିଥିବା ଜିଲା ପ୍ରଶାସନ ସୂତ୍ରରୁ ପ୍ରକାଶ।

### ସୋମବାରରେ ଅଣ୍ଡା ବଣ୍ଟନକୁ ବିରୋଧ

ଦିଗପହଣ୍ଡି,୨୮।୯(ଡି.ଏନ୍.ଏ.)- ଦିଗପହଣ୍ଡି ବ୍ଲକ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ସୋମବାର ଅଣ୍ଡା ବଣ୍ଟନ କାର୍ଯ୍ୟକ୍ରମକୁ ବିରୋଧ କରାଯାଇଛି। ମାସକୁ ୪ ଥର ଅର୍ଥାତ୍ ପ୍ରତ୍ୟେକ ସୋମବାରରେ ଅଣ୍ଡା ବଣ୍ଟନ କରିବାକୁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୋମବାର ପରି ପବିତ୍ର ବାରରେ ମହିଳା ହିତାଧିକାରୀ ଆମିଷ ବଣ୍ଟନକୁ ନାପସନ୍ଦ କରୁଥିବା ଦର୍ଶାଇ ମାସର ୧, ୮, ୧୫ ଓ ୨୨ ତାରିଖରେ ବଣ୍ଟନ କରାଯିବାକୁ ନିର୍ଦ୍ଦେଶନାମା ଜାରି କରିବାକୁ ଅଲ୍ ଓଡିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନର ଦିଗପହଣ୍ଡି ବ୍ଲକ ସଭାନେତ୍ରୀ ବନିତା ପାତ୍ର ଓ ସମ୍ପାଦିକା ସୁଲୋଚନା ରଥ ଗଞ୍ଜାମ ଜିଲା ପ୍ରଶାସନ ପାଖରେ ଦାବି କରିଛନ୍ତି। ଏନେଇ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

### ନୂଆପଡ଼ା ଫାଣ୍ଡି ଇଲାକାରେ ବୃଦ୍ଧି ପାଉଛି ଚୋରି

ଚିକିଟି,୨୮।୯(ଡି.ଏନ.ଏ.)-ନୂଆପଡା ଫାଣ୍ଡି ଇଲାକାରେ ଗତ କିଛି ଦିନର ନିରବତା ପରେ ପୁଣି ଚୋରି ହୋଇଛି। ରବିବାର ବିଳମ୍ବିତ ରାତ୍ରିରେ ନୂଆପଡ଼ା ଫାଣ୍ଡି ସାନକେଳାଝୁରି ଗ୍ରାମର ହାନ ସାହୁଙ୍କ ଘରୁ ଚୋରି ହୋଇଛି। ହାନ ଓ ପୁଅ ପ୍ରମୋଦ ଅନ୍ୟ ଗ୍ରାମକୁ କାମ କରିବା ପାଇଁ ଯାଇଥିଲେ। ହାନଙ୍କ ସ୍ତ୍ରୀ ଘରେ ଏକା ଶୋଇଥିବା ବେଳେ କେହି ଦୁର୍ବୃତ୍ତ ବାରିପଟୁ ଘର କବାଟ ତାଡି ପେଡିରେ ଥିବା ସମସ୍ତ କାଗଜପତ୍ର ଫୋପାଡିବା ସହ ସେଥିରେ ଥିବା ୧୮ ହଜାର ଟଙ୍କା ଲୁଟି ନେଇଥିଲେ। ସେହିଭଳି ଉକ୍ତ ଗ୍ରାମର ସୁବାସ ପାତ୍ର ସମେତ ଆଉ ୨ଟି ଘରେ ଦୁର୍ବୃତ୍ତମାନେ ଲୁଟ କରିବା ପାଇଁ ଉଦ୍ୟମ କରିଥିଲେ ସୁଦ୍ଧା ବିଫଳ ହୋଇଥିବା ଜଣାପଡିଛି। ଉକ୍ତ ଫାଣ୍ଡି ଇଲାକାରେ ୧୫ରୁ ଊର୍ଦ୍ଧ୍ୱ ଚୋରି ହୋଇଥିବା ନେଇ ମାମଲା ରୁଜୁ ହୋଇଥିଲେ ମଧ ପୋଲିସ ଲୁଟେରାଙ୍କ ଟେର୍ ପାଉନି।

### ୧୨ ଫୁଟର ଅଜଗର ଉଦ୍ଧାର

ବୁଗୁଡ଼ା,୨୮।୯(ଡି.ଏନ.ଏ.)- ବୁଗୁଡ଼ା ଥାନା ବାଲିପଦର ଗ୍ରାମର ନକୁଳ କଲୋନୀରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଅଗଣାରୁ ସୋମବାର ଏକ ୧୨ ଫୁଟିଆ ଅଜଗର ଉଦ୍ଧାର କରାଯାଇଛି। ବ୍ୟକ୍ତି ଜଣକଙ୍କ ଅଗଣାରେ ପରିବାର ଲୋକେ ପ୍ରଥମେ ଏହି ବିରାଟ ସାପ ଦେଖି ଡରିଯାଇଥିଲେ। ଏନେଇ ସେମାନେ ବନ ବିଭାଗ ଓ ସ୍ନେକ୍ ହେଲପ୍ ଲାଇନକୁ ଖବର ଦେଇଥିଲେ। ବନରକ୍ଷୀ କ୍ଷୀରୋଦ ଗୌଡ଼, ଶ୍ରୀନିବାସ, ପ୍ରସନ୍ନଙ୍କ ସମେତ ସ୍ନେକ୍ ହେଲପ୍ ଲାଇନର ସଦସ୍ୟ ହରିଶ ପାଢ଼ୀ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ପରେ ସାପଟିକୁ ବନାଞ୍ଚଳ ଅନ୍ତର୍ଗତ ଝାଙ୍ଗିରିଆ ସଂରକ୍ଷିତ ଜଙ୍ଗଲରେ ନିରାପଦରେ ଛାଡ଼ି ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା କହିଛନ୍ତି।

### ୧୦୨ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପଦୋନ୍ନତି

କାଶୀନଗର,୨୮।୯(ଡି.ଏନ୍.ଏ.)- କାଶୀନଗର ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପଦୋନ୍ନତିପତ୍ର ପ୍ରଦାନ କରାଯାଇଛି। ବ୍ଲକର ୧୦୨ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଲେଭଲ-ଭିଏ ରୁ ଲେଭଲ-ଭିବିକୁ ପଦୋନ୍ନତି ପାଇଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ବିଇଓ ଡ. ବୃଷକେତୁ ଦାସ ପଦୋନ୍ନତ ପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଟି. କିଶୋର କୁମାର, ସିଆର୍‌ସିସି ଗୋପାଳ ରାଓ, ବସନ୍ତ କୁମାର ମିଶ୍ର, ରାମାକାନ୍ତ ହୋତା, ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ହତ୍ୟାକାଣ୍ଡର ଟେର୍ ପାଉନି ପୋଲିସ

ବ୍ରହ୍ମପୁର ଅଫିସ,୨୮।୯

କରୋନା ମହାମାରୀ ସମୟରେ ବି ଗଞ୍ଜାମ ଜିଲାରେ ଅପରାଧ ବନ୍ଦ ହୋଇନାହିଁ। ଉଭୟ ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲାରେ ଲୁଟ୍, ଚୋରି, ଡକାୟତି ଘଟଣା ଘଟି ଚାଲିଛି। ଏପରିକି କିଛି ବୀଭତ୍ସ ହତ୍ୟାକାଣ୍ଡ ମଧ ଘଟିଛି। ଗତ ମେ ମାସରୁ ଅଗଷ୍ଟ ମାସ ମଧ୍ୟରେ ବ୍ରହ୍ମପୁର ପୋଲିସ ଜିଲାରେ ଘଟିଥିବା ୩ ହତ୍ୟା ମାମଲା ଏବେ ବି ରହସ୍ୟାବୃତ୍ତ ହୋଇରହିଛି। କୌଣସି ଗୋଟିଏ ଘଟଣାର ବି ଟେର୍ ମିଳିନାହିଁ। ପୋଲିସର ତଦନ୍ତ ଅଧାବାଟରେ ଅଟକି ଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ଗୋଳନ୍ଥରା ଥାନା ଇଲାକାରେ ଘଟିଥିବା ୨ଟି ହତ୍ୟା ମାମଲାରେ ପୋଲିସ ମୃତକଙ୍କ ପରିଚୟ ସ୍ପଷ୍ଟ କରିପାରିନାହିଁ। ସେହିପରି କେ.ନୂଆଗାଁ ଥାନା ଇଲାକାରେ ହତ୍ୟାର ଶୀକାର ହୋଇଥିବା ଯୁବତୀଙ୍କ ପରିଚୟ ଜଣାପଡ଼ିଥିଲେ ବି ପୋଲିସକୁ ସେଭଳି କିଛି ଠୋସ ପ୍ରମାଣ ମିଳିପାରିନାହିଁ। ଗତ ମେ ୬ ତାରିଖ ବିଳମ୍ବିତ ରାତିରେ ଗୋଳନ୍ଥରା ଥାନା ଅନ୍ତର୍ଗତ ଗ୍ରାମବିକାଶ ନିକଟ ରାସ୍ତା କଡ଼ରୁ ପୋଲିସ ଏକ ଦଗ୍ଧ ମୃତଦେହ ଜବତ କରିଥିଲା। ଘଟଣାସ୍ଥଳରୁ ହାଡ, ପାଉଁଶ, ହଳେ ପାଉଁଚି ଓ ଏକ ପୋଡା ଟାୟାର ଜବତ କରାଯାଇଥିଲା। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ।ଏ ସଂକ୍ରାନ୍ତରେ ନଂ.୧୨୮/୨୦ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ୪ ମାସରୁ ଊର୍ଦ୍ଧ୍ୱ ବିତିଥିଲେ ମଧ ପୋଲିସ କୌଣସି ସୁରାକ ପାଇପାରିନାହିଁ। ଅନ୍ୟପଟେ ମୃତକ ଜଣକ ପୁରୁଷ କି ମହିଳା ପୋଲିସ ଏ ଯାବତ ଅନ୍ଧାରରେ ରହିଛି। ସେହିପରି ଗତ ମେ ୧୦ ତାରିଖରେ କେ.ନୂଆଗାଁ ଥାନା ଅନ୍ତର୍ଗତ ଦେଖାଳି ନିକଟ କଣ୍ଟେଇଯୋଡି ନଦୀ ପଠାରୁ ଜଣେ ଯୁବତୀଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ଏ ନେଇ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା।

## ଅଧାବାଟରେ ତଦନ୍ତ

ପରେ ଗତ ଜୁନ ୧୦ ତାରିଖରେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିଲା। ଅପମୃତ୍ୟୁ ମାମଲା ଶେଷରେ ହତ୍ୟା ମାମଲା ହୋଇଥିଲା। ନଂ. ୧୨୫/୨୦ରେ ହତ୍ୟା ମାମଲା ରୁଜୁ କରାଗଲା। ଏପରିକି ହତ୍ୟାର ଶୀକାର ହୋଇଥିବା ଯୁବତୀଙ୍କ ମା' ନ୍ୟାୟ ପାଇଁ ବ୍ରହ୍ମପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ମୃତ ଯୁବତୀଙ୍କ ପ୍ରେତାତ୍ମା ଜଣେ ଯୁବତୀଙ୍କ ଦେହରେ ସବାର ହୋଇ ଅଭିଯୁକ୍ତଙ୍କ ନାମ ଲେଖିଥିବା ଭଳି ଅନ୍ଧବିଶ୍ୱାସ ଘଟଣା ମଧ ଘଟିଥିଲା। ପରେ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। କୌଣସି ବଳିଷ୍ଠ ପ୍ରମାଣ ନ ମିଳିବାରୁ ତଦନ୍ତ ଏବେ ଦିଗହରା ହୋଇପଡିଛି। ଏଭଳି ଏକ ସମ୍ବେଦନଶୀଳ ହତ୍ୟା ଘଟଣାର ଖିଅ ନ ପାଇବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି ସୋନପୁର ସାମୁଦ୍ରିକ ଥାନା ସୋନପୁର ବେଳାଭୂମିରୁ ଅଗଷ୍ଟ ୧୫ ତାରିଖରେ ପୋଲିସ ଜଣେ ଯୁବକଙ୍କ କ୍ଷତାକ୍ତ ଗଳିତ ମୃତଦେହ ଉଦ୍ଧାର କରିଥିଲା। ପ୍ରାଥମିକ ଅନୁସନ୍ଧାନରୁ ଯୁବକଙ୍କୁ ହତ୍ୟା କରିବା ପରେ ଫୋପାଡ଼ି ଦିଆଯାଇଥିବା ସନ୍ଦେହ କରିଥିଲା। ଥାନାରେ ନଂ.୨୧୪/୨୦ରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲେ ମଧ ଏହାର ରହସ୍ୟ ଉନ୍ମୋଚନ କରିପାରିନାହିଁ। ପୋଲିସ ତଦନ୍ତରେ ଶିଥିଳତା ଯୋଗୁ ଏହି ଘଟଣା ଗୁଡିକ ଉପରୁ ପରଦା ହଟିପାରୁନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ନେଇ ଅତିରିକ୍ତ ଏସପି ପ୍ରଶାନ୍ତ କୁମାର ମିଶ୍ର କହିଛନ୍ତି, ପୋଲିସ ୩ଟି ଯାକ ହତ୍ୟାକାଣ୍ଡର ସମସ୍ତ ଦିଗକୁ ଏବେ ଗୁରୁତ୍ୱର ସହ ନେଇ ତଦନ୍ତ କରୁଛି। ଦେଖାଳି ହତ୍ୟାକାଣ୍ଡ ଘଟଣାରେ କିଛି ସଫଳତା ମିଳିଛି। ଖୁବଶୀଘ୍ର ସମସ୍ତ ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାସ ହେବ ବୋଲି ଅତିରିକ୍ତ ଏସପି ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ




ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ରାଲିରେ ଯାଉଛନ୍ତି।

ଫୁଲବାଣୀ ଅଫିସ, ୨୮।୯

ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ କନ୍ଧମାଳ ଯୁବ କଂଗ୍ରେସ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯୁବ କଂଗ୍ରେସ ଏବଂ କଂଗ୍ରେସ ଦଳର ନେତାମାନେ ସ୍ଥାନୀୟ କୋର୍ଟ ଛକରୁ ରାଲିରେ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏଭଳି ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିଥିଲେ।

କରୋନା ମହାମାରୀ ସମୟରେ ଜୀବନ ଜୀବିକା ପାଇଁ ଲଢ଼େଇ ଚାଲିଥିବା ବେଳେ ବିଦ୍ୟୁତ୍ ଦର ବୃଦ୍ଧି ସାଧାରଣ ଜନତାଙ୍କ ଉପରେ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ଆମ ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନର ୨୨ ଭାଗ ଜଳ ପ୍ରକଳ୍ପରୁ ଆସୁଛି ଏବଂ ୧୦ ଭାଗ ସୌରଶକ୍ତିରୁ ତ୍ୱରାନ୍ୱିତ ହେଉଛି। ତେଣୁ ସମସ୍ତ ଆବଶ୍ୟକ ବିଦ୍ୟୁତ୍ କ୍ରୟକୁ ମିଶାଇଲେ ୟୁନିଟ ପିଛା ୨ଟଙ୍କା ୮୦ ପଇସାରୁ ଊର୍ଦ୍ଧ୍ୱ ହେବ ନାହିଁ। ଉତ୍ପାଦନ ଖର୍ଚ୍ଚ ଏତେ କମ୍ ଥାଇ ବିକ୍ରି ଖର୍ଚ୍ଚ ବୃଦ୍ଧି କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଯୁବ କଂଗେସ ସଭାପତି ବସନ୍ତ କୁମାର ପାଢ଼ୀ ପ୍ରକାଶ କରିଛନ୍ତି। ପାଢ଼ୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ଶ୍ରମିକ ନେତା ଘନ କୁମାର ଶବର, ହେମନ୍ତ କର, ରଜତ ମହାନ୍ତ ପ୍ରମୁଖ ସାମିଲ ଥିଲେ।

# ଭଗତ ସିଂ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଆଇନ ପ୍ରଣୟନ ଦାବି




ଅଖିଳ ଭାରତ ଯୁବକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବ୍ରହ୍ମପୁର ଅଫିସ,୨୮।୯

ଭଗତ ସିଂ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଆଇନ (ବନେଗା) ପ୍ରଣୟନ କରିବାକୁ ଶହୀଦ ଭଗତ ସିଂଙ୍କ ୧୧୪ ଜୟନ୍ତୀ ଅବସରରେ ଅଖିଳ ଭାରତ ଯୁବ ସଂଘ ଗଞ୍ଜାମ ଜିଲା ଶାଖା ଦାବି କରିଛି। ଏ ନେଇ ସୋମବାର ବ୍ରହ୍ମପୁର ପୁରୁଣା ବସଷ୍ଟାଣ୍ଡଠାରେ ସଂଘ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ରାଜ୍ୟ ତଥା ଦେଶରେ ଶିକ୍ଷିତ ବେକାର ଯୁବତୀଯୁବକଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ନିଯୁକ୍ତି ସୁଯୋଗ ସୃଷ୍ଟି ଦିଗରେ ଅବହେଳା କରୁଥିବାରୁ ସଂଘ କ୍ଷୋଭ ପ୍ରକାଶ କରିଛି। ତେଣୁ ଭଗତ ସିଂ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ପ୍ରଣୟନ ସହ ଖାଲି ପଡିଥିବା ସରକାରୀ ପଦବୀ ପୂରଣ କରିବା, ଯୋଗ୍ୟତା ଭିତ୍ତିରେ ଶିକ୍ଷିତ ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବା, ବନ୍ଦ ପଡିଥିବା କଳ କାରଖାନା ତୁରନ୍ତ ଖୋଲିବା, ଶିକ୍ଷା ଶେଷରେ ନିଶ୍ଚିତ କର୍ମ ନିଯୁକ୍ତି ପ୍ରଦାନ କରିବା ଦିଗରେ ସରକାରଙ୍କ ପଦକ୍ଷେପ ଗ୍ରହଣ କରିବାକୁ ସଂଘ ଦାବି କରିଛି। ବିକ୍ଷୋଭ ସମାବେଶରେ ଅଖିଳ ଭାରତ ଯୁବକ ସଂଘ ଗଞ୍ଜାମ ଜିଲା ଶାଖାର ସଭାପତି ସୁଶାନ୍ତ ସ୍ୱାଇଁ, ସମ୍ପାଦକ କାମଦେବ ନାହାକ, ମହେନ୍ଦ୍ର ପାତ୍ର, ନବୀନ ଗୌଡ, ଦଣ୍ଡପାଣି ପାତ୍ର, ସତ୍ୟନାରାୟଣ ସ୍ୱାଇଁ, ଟୁନା ସ୍ୱାଇଁ, ଦଇତାରି ରେଡ୍ଡୀ, ଆଶେକ ରେଡ୍ଡୀ ପ୍ରମୁଖ ସାମିଲ ହୋଇଥିଲେ।

# ବିଜେଡିରେ ମିଶିଲେ ୩୧ ଭାଜପା କର୍ମୀ

ପୋଲସରା,୨୮।୯(ଡି.ଏନ.ଏ.)

ପୋଲସରା ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ସ୍ଥାନୀୟ ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଉପସ୍ଥିତିରେ ରବିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଣ୍ଡୁରୁ ଗ୍ରାମର ୩୧ପରିବାର ଭାଜପା ଛାଡି ବିଜେଡିରେ ମିଶିଥିଲେ। ଭାଜପାର ଦୁର୍ବଳ ସଙ୍ଗଠନ ସାଙ୍ଗକୁ ଉନ୍ନୟନ କାର୍ଯ୍ୟରେ ବିଫଳତା ଯୋଗୁ ଭାଜପା ଛାଡ଼ି ବିଜେଡିରେ ଯୋଗଦାନ କରିଲୁ ବୋଲି ଖଣ୍ଡୁରୁ ଗ୍ରାମର କାହ୍ନୁ ଚରଣ ସାହୁ, ଲିଙ୍ଗରାଜ ସାହୁ, ଗନ୍ତେଇ ପ୍ରଧାନ, ଜଟେଶ୍ୱର ପ୍ରଧାନ, ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ପ୍ରକାଶ କରିଥିଲେ। ବିଧାୟକ ସେମାନଙ୍କୁ ପୁଷ୍ପମାଳ ପିନ୍ଧାଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବ ବେଳେ ସ୍ଥାନୀୟ ସରପଞ୍ଚ ରଞ୍ଜିତ ବାରିକ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ, ବ୍ଲକ ବିଜେଡି ସମ୍ପାଦକ ଅଶୋକ କୁମାର ବିଷୋୟୀଙ୍କ ସମେତ ବିଜେଡିର ବହୁ କର୍ମୀ ଉପସ୍ଥିତ ଥିଲେ।

# ପୋଷ୍ୟ ଥଇଥାନ କେନ୍ଦ୍ରରେ ନବଜାତକ

ବ୍ରହ୍ମପୁର ଅଫିସ,୨୮।୯

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସିଦ୍ଧାର୍ଥନଗର ବ୍ୟାଙ୍କ କଲୋନିରେ ଥିବା ସ୍ୱଧାର ଗୃହରୁ ଜନୈକା ମହିଳା ନିଜର ନବଜାତ ଶିଶୁ ପୁତ୍ରକୁ ଛାଡି ରବିବାର ଫେରାର ହୋଇଯାଇଥିଲେ। ଉକ୍ତ ସ୍ୱଧାର ଗୃହ ପକ୍ଷରୁ ଶିଶୁଟିକୁ ସୋମବାର ଶିଶୁ ମଙ୍ଗଳ ସମିତି (ସିଡବ୍ଲୁସି) ନିକଟକୁ ଅଣାଯାଇଥିଲା। ସିଡବ୍ଲୁସି ନିର୍ଦ୍ଦେଶକ୍ରମେ ଶିଶୁଟିକୁ ଗୋଶାଣୀନୂଆଗାଁ ଉତ୍କଳ ବାଳାଶ୍ରମ ସ୍ୱତନ୍ତ୍ର ପୋଷ୍ୟ ଥଇଥାନ କେନ୍ଦ୍ର (ସା)କୁ ହସ୍ତାନ୍ତର କରାଯାଇଛି। ସା' ଅଧୀକ୍ଷକ ଦିବ୍ୟାନ ପ୍ରଧାନ କୁହନ୍ତି, ନବଜାତକର ଓଜନ ୨ କେଜି ୩ ଶହ ଗ୍ରାମ ରହିଛି। ତାକୁ ସ୍ଥାନୀୟ ନଗର ଚିକିତ୍ସାଳୟ (ସିଟି ହସ୍ପିଟାଲ)ରେ ଚିକିତ୍ସା କରାଯାଇଛି। ତାର ସ୍ୱାସ୍ଥ୍ୟାବସ୍ଥା ଠିକ୍ ଅଛି। ସା'ରେ ୬ ଜଣ ଆୟା (ମହିଳା ସେବିକା) ଅଛନ୍ତି। ସେମାନେ ପିଲାର ଉପଯୁକ୍ତ ଯତ୍ନ ନେଉଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ ସ୍ୱଧାର ଗୃହ କର୍ତ୍ତୃପକ୍ଷଙ୍କ ଅଭିଯୋଗ ପରେ ଏମ୍‌ଏମ୍‌ଆର ନଂ. ୨୮/୨୦ ରେ ମହିଳା ନିଖୋଜ ସମ୍ପର୍କରେ ଷ୍ଟେଶନ ଡାଏରୀ

## ସ୍ୱଧାର ଗୃହରୁ ମହିଳା ଚମ୍ପଟ

କରିଛି। ପୋଲିସ ମହିଳାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ ଜାରି ରଖିଛି।

ଘଟଣାରୁ ପ୍ରକାଶ, ଗତ ୧୯ ତାରିଖରେ ମହିଳା ଓ ତାଙ୍କର ନବଜାତ ଶିଶୁପୁତ୍ରକୁ ଚାଇଲଡ଼ ଲାଇନ୍ ଟିମ୍ ଖଲ୍ଲିକୋଟ ମେଡିକାଲ ନିକଟରୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା। ନବଜାତ ଶିଶୁଟି ଗୁରୁତର ଥିବାରୁ ସେଠାରୁ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚାଇଲଡ୍ ଲାଇନ ଉଭୟ ମା' ଓ ଶିଶୁକୁ ଆମ୍ବୁଲାନ୍ସରେ ଏମ୍‌କେସିଜି ଆଣିଥିଲେ। ଶିଶୁଟିକୁ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଥିଲା। ପରେ ମହିଳା ଜଣଙ୍କୁ ମେଡିକାଲ ବ୍ୟାଙ୍କ କଲୋନୀରେ ଥିବା ସ୍ୱଧାର ଗୃହରେ ରଖାଯାଇଥିଲା। ଗତ ୨୪ ତାରିଖରେ ଶିଶୁଟି ସୁସ୍ଥ ହେବା ପରେ ତାଙ୍କ ମା' ପାଖରେ ସ୍ୱଧାର ଗୃହରେ ରଖାଯାଇଥିଲା। ମହିଳାଙ୍କୁ ସ୍ୱଧାର ଗୃହରେ ରଖାଯାଇଥିବା ବେଳେ ରବିବାର ସନ୍ଧ୍ୟାରେ ସେ ସେଠାରୁ ନିଖୋଜ ହୋଇଯାଇଛନ୍ତି। ଅଦ୍ୟାବଧି ତାଙ୍କର ଖୋଜଖବର ମିଳୁନାହିଁ।

# ଚିକିଟି ବ୍ଲକକୁ ମରୁଡ଼ି ଘୋଷଣା ଦାବି

ଚିକିଟି,୨୮।୯(ଡି.ଏନ.ଏ.)

ଚିକିଟି ତହସିଲ୍ ଅଧୀନରେ ଥିବା ଅଧିକାଂଶ ଜମି ଚଳିତ ବର୍ଷ ବର୍ଷା ଅଭାବରୁ ଚାଷକାର୍ଯ୍ୟ ନ ହୋଇ ପଡିଆ ପଡ଼ିଛି। ଆଉ କେତେକ ଜମିରେ ରୁଆ ସରିଯାଇଥିଲେ ମଧ ବର୍ଷା ଅଭାବରୁ ଫସଲ ନଷ୍ଟ ହେବାକୁ ବସିଲାଣି। ଯାହା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଏଣୁ ଚିକିଟି ବ୍ଲକକୁ ମରୁଡ଼ି ଘୋଷଣା କରିବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରାଯାଇଛି। ଏ ନେଇ ଚିକିଟି ନିର୍ବାଚନ ମଣ୍ଡଳି ଭାଜପା ତରଫରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରାଙ୍କ ନେତୃତ୍ୱରେ ସୋମବାର ମଧ୍ୟାହ୍ନରେ ଚିକିଟିଗଡ଼ ସ୍ଥିତ ଇଲେକ୍ଟ୍ରିଛକରୁ ଶତାଧିକ ଭାଜପା କର୍ମୀ ରାଲିରେ ତହସିଲ୍

## ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଚିକିଟି ତହସିଲଦାର ହରପ୍ରସାଦ ଭୋଇଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବର୍ଷା ଅଭାବରୁ ୧୭ଗୋଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚାଷ ନ ହୋଇ ପଡିଆ ପଡିଛି। ତେଣୁ ଏହାର ଉପଯୁକ୍ତ ଅନୁଧ୍ୟାନ କରି ଚିକିଟି ବ୍ଲକକୁ ମରୁଡ଼ି ଘୋଷଣା, ଚାଷୀଙ୍କ ଋଣ ଛାଡ ଓ ସହାୟତା ପାଇଁ ଚିକିଟି ନିର୍ବାଚନ ମଣ୍ଡଳୀ ଭାଜପା ତରଫରୁ ଦାବି ହୋଇଛି। ଏହା ନ ହେଲେ ଆଗାମି ଦିନରେ ଭାଜପା ରାଜରାସ୍ତାକୁ ଓହ୍ଲାଇବା ସହ ଜିଲାପାଳ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛି।

# ସୁବର୍ଣ୍ଣପୁରରେ ପୋଷଣ କାର୍ଯ୍ୟକ୍ରମ

ପାତ୍ରପୁର,୨୮।୯(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ସୁବର୍ଣ୍ଣପୁରପୁର ଗ୍ରାମରେ ସୋମବାର ଆଇସିଡ଼ିଏସ ପାତ୍ରପୁର ତରଫରୁ ରାଷ୍ଟ୍ରୀୟ ପୋଷଣ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମକୁ ସିଡ଼ିପିଓ ପଦ୍ମିନୀ ସାହୁ ଉଦ୍‌ଘାଟନ କରିଥିଲେ। ଅଞ୍ଚଳ ପରିଦର୍ଶିକା କଳ୍ପନା ରାଣୀ ପାଢ଼ୀ, ରଜନୀ ପଟ୍ଟନାୟକ, ରଞ୍ଜନା ମିଶ୍ର ଓ ପଦ୍ମାବତୀ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ଗର୍ଭବତୀ, ପ୍ରସୂତି ଓ ଶିଶୁ ମାନଙ୍କ ପୃଷ୍ଟି କର ଖାଦ୍ୟର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ । ଅଙ୍ଗନୱାଡ଼ି କର୍ମୀ ସଞ୍ଜୁ କୁମାରୀ ବେହେରା, ଭବାନୀ ଦେବୀ, ଦିପ୍ତି ରାଣୀ ନାୟକ, ଅଞ୍ଜଳି ପାଠୀ ଶର୍ମା, ସ୍ୱପ୍ନା ମୁଖି, ପ୍ରତିଭା ପ୍ରଧାନ ରୀନା ପ୍ରଧାନ, ପାର୍ବତୀ ଗୌଡ଼ ଓ ଲିମି ଦେବୀ ଓ ସମସ୍ତ ସହାୟିକା ମାନେ ମିଶି ପୋଷଣ ବୃକ୍ଷ ଝୋଟି କରିବା ସହ ପୃଷ୍ଟିକର ଖାଦ୍ୟ ପନିପରିବା ପ୍ରଦର୍ଶନୀ କରିଥିଲେ ।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ନିଷ୍ପତ୍ତି ପ୍ରତ୍ୟାହାର ଦାବି

ବ୍ରହ୍ମପୁର ଅଫିସ,୨୮।୯




ଏସୟୁସିଆଇ ପକ୍ଷରୁ ଆର୍‌ଡିସିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କରୋନା ମହାମାରୀ ସମୟରେ ଦରବୃଦ୍ଧି ନିୟନ୍ତ୍ରଣ, ବିଦ୍ୟୁତ ଶୁଳ୍କ ହ୍ରାସ ଆଦି ବିଭିନ୍ନ ଦାବି ନେଇ ସୋମବାର ଏସୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଦକ୍ଷିଣାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟରେ କରୋନା ସଂକ୍ରମଣକୁ ପ୍ରତିରୋଧ କରିବା ନେଇ ସରକାରଙ୍କ ପକ୍ଷରୁ ଘୋଷିତ ଲକ୍‌ଡାଉନ୍ ଫଳରେ ସାଧାରଣ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଏଭଳି ସମୟରେ ସରକାର ଜନସାଧାରଣଙ୍କ ଆର୍ଥିକ ସହାୟତା ପ୍ରଦାନ କରିବା ବଦଳରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି, ବିଦ୍ୟୁତ ଶୁଳ୍କ ବୃଦ୍ଧି ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି

## ଏସ୍‌ୟୁସିଆଇର ବିକ୍ଷୋଭ, ଦାବିପତ୍ର ପ୍ରଦାନ

ଏସୟୁସିଆଇ କହିଛି। ବିଦ୍ୟୁତ ଶୁଳ୍କ ବୃଦ୍ଧି ନିଷ୍ପତ୍ତି ପ୍ରତ୍ୟାହାର ସହ ବିଦ୍ୟୁତ ସଂଶୋଧନ ଆଇନ୨୦୨୦କୁ ବାତିଲ କରିବା, କରୋନା ସଂକ୍ରମିତଙ୍କ ଉପଯୁକ୍ତ ଚିକିତ୍ସା ପ୍ରଦାନ ଦାୟିତ୍ୱ ସରକାର ନିଜେ ବହନ କରିବା, ପ୍ରବାସୀ ଶ୍ରମିକଙ୍କୁ ଏମଜିଏନ୍‌ଆର୍‌ଇଜିଏସ୍‌ରେ ବର୍ଷସାରା କାର୍ଯ୍ୟ ଯୋଗାଇବା, ଶ୍ରମିକଙ୍କୁ ଦୈନିକ ୬୦୦ ଟଙ୍କା ମଜୁରୀ ପ୍ରଦାନ କରିବାକୁ ଏସୟୁସିଆଇ ଦାବି କରିଛି। ନଚେତ୍ ଆଗାମୀ ଦିନରେ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଶୁଣାଇଛି। ଦାବିପତ୍ର ପ୍ରଦାନ ବେଳେ ଗଞ୍ଜାମ ଜିଲା ସମ୍ପାଦକ ସୋମନାଥ ବେହେରା, ଶିବାନୀ ଶଙ୍କର ମିଶ୍ର, ମଧୁସୁଦନ ଦାଶ, ନିମାଇଁ ଚରଣ ସାହୁ, ଡି. ତିରୁପତି ଦୋରା, ନାରାୟଣ ସାହୁ ପ୍ରମୁଖ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ପ୍ଲାଜ୍‌ମା ଦାନ କଲେ କରୋନା ଯୋଦ୍ଧା ଶିକ୍ଷକ

ଛତ୍ରପୁର, ୨୮।୯(ଡି.ଏନ୍.ଏ.)



ପ୍ଲାଜ୍‌ମା ସଂଗ୍ରହ କରାଯାଉଛି।

ଗଞ୍ଜାମ ଜିଲା ବ୍ରହ୍ମପୁର ଏମ୍‌କେସିଜି ପ୍ଲାଜମା ବ୍ୟାଙ୍କରେ ବର୍ତ୍ତମାନ ସୁଦ୍ଧା କରୋନାରୁ ସୁସ୍ଥଙ୍କ ମଧ୍ୟରୁ ୩୮୦ ଜଣ ପ୍ଲାଜ୍‌ମା ଦାନ କରିଛନ୍ତି। ଏଥିରୁ ୩୬୦ ୟୁନିଟ ପ୍ଲାଜମା ୫ଟି କୋଭିଡ୍ ହସ୍ପିଟାଲକୁ ବଣ୍ଟନ ହୋଇଥିଲା। ଏମକେସିଜି କୋଭିଡ କେୟାର ସେଣ୍ଟର, ଟାଟା କୋଭିଡ ହସ୍ପିଟାଲ, ଅଶ୍ୱିନୀ କୋଭିଡ ହସ୍ପିଟାଲ, ମାଲକାନଗିରି କୋଭିଡ ହସ୍ପିଟାଲ, କଟକ ସ୍ଥିତ ସନ୍ ହସ୍ପିଟାଲ ସେଥିରୁ ୩୫୬ ୟୁନିଟ କରୋନାରେ ଗୁରୁତର ଆକ୍ରାନ୍ତଙ୍କୁ ଦିଆଯାଇଛି। ଖଲ୍ଲିକୋଟ ବ୍ଲକ ଲଙ୍ଗଳେଶ୍ୱର ପଞ୍ଚାୟତ ଭେଜିପୁଟ ଗାଁର କରୋନା ଯୋଦ୍ଧା ଶିକ୍ଷକ ଲିଙ୍କୁ ପଣ୍ଡା କରୋନାକୁ ହରାଇଛନ୍ତି। ସେ ସୁସ୍ଥ ହେବା ପରେ ୨୬ ତାରିଖରେ ବ୍ରହ୍ମପୁର ସ୍ଥିତ ଏମ୍‌କେସିଜି ପ୍ଲାଜମା ବ୍ୟାଙ୍କରେ ପ୍ଲାଜ୍‌ମା ଦାନ କରିଛନ୍ତି। କରୋନାରୁ ସୁସ୍ଥ ହୋଇଥିବା ଲୋକେ ପ୍ଲାଜ୍‌ମା ଦାନ କରିବାକୁ ଆଗେଇ ଆସିବାକୁ ସେ ଅନୁରୋଧ କରିଛନ୍ତି।

# ୟୁଥ ରେଡ୍‌କ୍ରସ୍ ପକ୍ଷରୁ ଶପଥପାଠ

ଆସିକା,୨୮।୯(ଡି.ଏନ୍.ଏ.)

ଆସିକା ବିଜ୍ଞାନ କଲେଜ ୟୁଥ ରେଡକ୍ରସ ପକ୍ଷରୁ ସୋମବାର ଏକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅଧାପିକା, ଅଧାପକ ଓ କର୍ମଚାରୀମାନେ କୋଭିଡ-୧୯ ସଂକ୍ରମଣକୁ ରୋକିବା ନିମନ୍ତେ ଶପଥପାଠ କରିଥିଲେ। ଏତଦ ଅବସରରେ ଠିକ ରୂପେ ମାସ୍କ ପରିଧାନ କରିବା, ବାରମ୍ବାର ହାତ ଧୋଇବା ଓ ସାମାଜିକ ଦୂରତା ବଜାୟ ସମ୍ପର୍କରେ ଶପଥପାଠ କରାଯାଇଥିଲା। ୟୁଥ ରେଡକ୍ରସର ଉପଦେଷ୍ଟା ଅଧାପକ ରାଜେଶ କୁମାର ସାହୁ ଓ ଅଧାପକ ଦେବବ୍ରତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଚିକିତ୍ସା ଅବହେଳା ପ୍ରତିବାଦରେ ରାସ୍ତାରୋକୋ

ଖଜୁରିପଦା,୨୮।୯(ଡି.ଏନ୍.ଏ.)

ଖଜୁରିପଦା ବ୍ଲକ ସୁଦ୍ରୁକୁମ୍ପା ପଞ୍ଚାୟତ ନେଡ଼ିଗୁଡ଼ା ଗ୍ରାମର ଜଣେ କର୍କଟ ରୋଗୀଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଛି। ଏହାର ପ୍ରତିବାଦରେ ପରିବାର ଲୋକେ ସୋମବାର ଫୁଲବାଣୀ-ବୌଦ୍ଧ ୧୫୭ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ନେଡ଼ିଗୁଡ଼ାର କୁଞ୍ଜବିହାରି ବେହେରା ପକ୍ଷାଘାତ ଓ ପୁଅ ଭାଗୀରଥି କର୍କଟ ରୋଗରେ ଗତ ୪ ବର୍ଷ ହେବ ପୀଡିତ ଥିଲେ। ଚିକିତ୍ସାରେ ଅର୍ଥ ବାଧକ ସାଜିଥିବା ନେଇ ଗତ ମାସ 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ସ୍ଥାନୀୟ ଡାକ୍ତରୀ ଦଳ ତାଙ୍କ ଘରକୁ ଆସି ଦେଖି ଯାଇଥିଲେ। କିନ୍ତୁ ସ୍ୱାସ୍ଥ୍ୟ ବିଭାଗର କୌଣସି ସହଯୋଗ ମିଳିଲା ନାହିଁ। କୁଞ୍ଜବିହାରି ଓ ଭାଗୀରଥିଙ୍କୁ ସହାୟତା

## ଆଖି ବୁଜିଲେ କର୍କଟ ପୀଡିତ

କରିବାକୁ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ହେଲା ପରେ କିଛି ବ୍ୟକ୍ତି ପୀଡ଼ିତଙ୍କ ଚିକିତ୍ସା ବାବଦକୁ ଟଙ୍କା ଦେଇଥିଲେ। ହେଲେ ଖଜୁରିପଡ଼ା ସ୍ୱାସ୍ଥ୍ୟ ବିଭାଗର ଦେଖା ମିଳିଲା ନାହିଁ। ଶେଷରେ କେତେକ ଗଣମାଧ୍ୟମ ପ୍ରତିନିଧି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅନୁରୋଧ ପରେ ଗତ ରବିବାର ଭାଗୀରଥିଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ କ୍ୟାନ୍‌ସର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ କୋଭିଡ୍ ପରୀକ୍ଷାରେ ବିଳମ୍ବ ଯୋଗୁ ତାଙ୍କୁ କ୍ୟାନସର ୱାର୍ଡରେ ଭର୍ତ୍ତି କରିବାରେ ବିଳମ୍ବ ହୋଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରେ ପରିବାର ଲୋକେ ଭାଗୀରଥିଙ୍କ ମୃତଦେହକୁ ସୁଦ୍ରୁକୁମ୍ପା ଆଣିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅସହଯୋଗ ଓ ଚିକିତ୍ସାରେ ବିଳମ୍ବକୁ ନେଇ ପରିବାର ଓ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ବିଡିଓ ରବୀନ୍ଦ୍ରନାଥ କହଁର, ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ରେଡ୍‌କ୍ରସ ପାଣ୍ଠିରୁ ମୃତକଙ୍କ ପରିବାରଙ୍କୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଭାଗୀରଥିଙ୍କ ସ୍ତ୍ରୀଙ୍କୁ ବିଧବା ଭତ୍ତା ଓ ଝିଅକୁ ପାଠପଢାରେ ସହଯୋଗ ଏବଂ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ପାଣ୍ଠିରୁ ୨୦ ହଜାର ଟଙ୍କା ସରକାରୀ ନିୟମ ପ୍ରକାରେ ସହାୟତା ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା।

